# ଓଡ଼ିଶାର ଲୋକନାଟକ: ଏକ ଦୃଷ୍ଟିପାତ

**ପାନୁ ମିଞ୍ଜି**

ଗବେଷକ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡିଶା

**ସଂକ୍ଷିପ୍ତସାର :**

ଲୋକଶବ୍ଦ ବିଶେଷ ବ୍ୟାପକ, କନ୍ଧ, କୋହ୍ଲ, ସାନ୍ତାଳ, ଭୂୟାଁଠାରୁ ଆରମ୍ଭ କରି ପଲ୍ଲୀ ଓ ନଗରର ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଜନତା ଏହାର ଅନ୍ତର୍ଗତ । ଲୋକ ମଗରେ ବହୁଗୋଷ୍ଠୀ । ଏମାନଙ୍କ ସଂସ୍କୃତିକୁ ଲୋକସଂସ୍କୃତି କୁହାଯାଏ । ଏହା ବୈଦିକ ଶାସ୍ତ୍ର ବହିର୍ଭୂତ, ସ୍ୱତନ୍ତ୍ର ଭାବେ ବିକଶିତ ଅନ୍ୟ ଏକ ସଂସ୍କୃତି । ଲୋକ କଳା, ଲୋକଶିଳ୍ପ, ଲୋକ ସାହିତ୍ୟ ପ୍ରଭୃତି ଜନତାର ସମସ୍ତ କୃତିତ୍ୱ ଘେନ ଲୋକ ସଂସ୍କୃତି ଗଠିତ । "ଯେଉଁ ସାହିତ୍ୟକୁ ମହାନ ବିଦ୍ୟାନଠାରୁ ଗଣ୍ଡମୁର୍ଖ ପର୍ଯ୍ୟନ୍ତ ସମସ୍ତେ ବୁଝିପାରନ୍ତି ତାକୁ ଲୋକ ସାହିତ୍ୟ କହନ୍ତି ।"(୧)

ଲୋକମନର ସ୍ୱତଃସ୍ୱର୍ତ୍ତ ହେଉଛି ଲେକସାହିତ୍ୟ । ଲୋକ-ନାଟକ ତହିରୁ ଏକ ବଳିଷ୍ଠ ବିଭାବ । ଲୋକଙ୍କର ମନୋରଞ୍ଜନ ନିମିତ୍ତ ଯେଉଁ ନାଟକର ସୃଷ୍ଟି ତାହା ହିଁ ଲୋକନାଟକ । ରସାନ୍ୱେଷୀ ମାନବାତ୍ମାରୁ ଏହାର ସୃଷ୍ଟି । ଓଡ଼ିଆ ଲୋକ ନାଟକ ଉତ୍କଳୀୟ ସଂସ୍କୃତିର ବାହାକ । ସଦୃଢ଼ ଐତିହ୍ୟ ଓ ଦୀର୍ଘ ପରମ୍ପରା ନେଇ ଲୋକନାଟକର ବିଭିନ୍ନ ରୂପ ପ୍ରଚଳିତ ।

**ମୁଖ୍ୟଶବ୍ଦ :** ଅର୍ଦ୍ଧଶିକ୍ଷିତ, ବ୍ୟାପକ, ସ୍ୱତସ୍ଫୁର୍ତ୍ତ, ସଂସ୍କୃତି, ଐତିହ୍ୟ, ରସାନ୍ୱଷୀ, ମାନବାତ୍ମା ।

## ଉପକ୍ରମ :

ଲୋକନାଟ୍ୟ ବହୁ ପ୍ରାଚୀନ ଲୋକ ନାଟକ ସୃଷ୍ଟି ସମ୍ପର୍କରେ ନାନା ମୁନି ନାନା ମତ ପ୍ରଦାନ କରିଛନ୍ତି । ହେଲେ ହେଁ ଧର୍ମଧାରା ସହିତ ଲୋକନାଟକ ମୂଳବୀଜ ନିହିତ ବୋଲି ସଭିଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ମତ ରହିଛି । ଧର୍ମାରାଧନା ଅଲୌଲିକ ଶକ୍ତିକୁ କାର୍ଯ୍ୟରେ ଲଗାଇବା ପାଇଁ ସାମାଜିକ ପ୍ରଥା ତଥା ଅନନ୍ଧାନୁଷ୍ଠାନ ନୃତ୍ୟ ସଙ୍ଗୀକର ଯେଉଁ ସାଧାରଣ ନାଟକୀୟତା ଥିଲା; ତାହାରି ମଧ୍ୟରେ ଲୋକ-ନାଟ୍ୟ ପ୍ରାଥମିକ ଅବସ୍ଥାର ସୂଚନା ମିଳିଥାଏ । ଆଦିମ ସମାଜର ଭୟଚକିତ ମାନବ ଯାହା ଉପରେ ନିଜର କଳ୍ପନାଶକ୍ତିକୁ ଜାହିର କରିପାରିନଥିଲା, ତାକୁ ଆଶ୍ଚର୍ଯ୍ୟାଭିଭୂତ ନୟନରେ ଏକ ମହାଶକ୍ତି ସମ୍ପର୍ଣ୍ଣ ଅଲୌକିକତାର ଆଖ୍ୟା ଦେଇ ପୂଜା ଆରାଧନା କରିବାକୁ ଲାଗିଲା ସେଥିରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଯେଉଁ ଭାବଭଙ୍ଗୀ ନୃତ୍ୟ, ସଙ୍ଗୀତ ଓ ସଂଳାପାଳିର ନିର୍ଯ୍ୟାସ ହେଲା, ତାହା ହିଁ ଲୋକନାଟ୍ୟ ସୃଷ୍ଟିର ହେତୁ । ସମାଜର ମଙ୍ଗଳ ବିଧାନକଳ୍ପେ ଲୋକନାଟ୍ୟ ଗୁଡ଼ିକ ପ୍ରୟୋଗୀକୃତ । ବିଶ୍ୱର ସମସ୍ତ ପ୍ରାନ୍ତିୟ ଲୋକନାଟ୍ୟର ଉଦ୍‌ଭବ ଓ ବିକାଶ ଏହି ତତ୍ତ୍ୱ ଆଧାରିତ ।

ମାନବ ସଭ୍ୟତାର ସୃଷ୍ଟି ସହିତ ଲୋକନୃଙ୍କଳ ସୃଷ୍ଟିର ମୂଳବୀଜ ନିହିତ ଥିଲେ ହିଁ ନାଟ୍ୟିକ ଉପାଦାନ ମାନଙ୍କୁ ନେଇ ଯଥାର୍ଥ ଲୋକନାଟ୍ୟ ସଂସ୍କୃତ ନାଟକର ହ୍ରାସବସ୍ଥାରେ ହିଁ ସୃଷ୍ଟି । ଶିକ୍ଷିତ-ଅଶିକ୍ଷିତ ନିର୍ବିଶେଷରେ ସବୁପ୍ରକାର ଦର୍ଶକଙ୍କ ନିକଟରେ ଏହାର ବହୁଳ ଆବେଦନ ଥିବାରୁ ସଂସ୍କୃତ ନାଟକ ଅପେକ୍ଷା ଏହା ବହୁ ପ୍ରସାରିତ । କଥାବସ୍ତୁ, ଚରିତ୍ର, ସଙ୍ଗୀତ,

ସଂଳାପ, ପାତ୍ରପାତ୍ରୀ, ମଗ, ଆଲୋକ, ବାଦ୍ୟ, ଦର୍ଶକ ଆଦି କେତେଗୁଡ଼ିଏ ଆବଶ୍ୟକୀୟ ଉପାଦାନମାନଙ୍କୁ ନେଇ ଲୋକନାଟକ ଗୁଡ଼ିକ ପରିପୃଷ୍ଟ । ଭାରତ ପରି ଏକ ବିଶାଳ ଭୂଖଣ୍ଡରେ ପ୍ରଚଳିତ ସମସ୍ତ ଲୋକନାଟ୍ୟରେ ବ୍ୟବହୃତ ଉପାଦାନମାନଙ୍କରେ ଅଭୂତପୂର୍ବ ସାମଞ୍ଜସ୍ୟ ବିଦ୍ୟମାନ, ଉଦାହାରଣ ସ୍ୱରୂପ - ପ୍ରାୟ ସମସ୍ତ ଲୋକନାଟ୍ୟର କଥାବସ୍ତୁ ପୌରାଣିକ ତଥା ଭକ୍ତିମୂଳକ । କେବଳ "ଆଧିକାରିକା" ବା ପ୍ରଧାନ ଘଟଣାକୁ ଅବଲମ୍ବନ କରି କଥାବସ୍ତୁ ଗତିଶୀଳ । ସଙ୍ଗୀତ ଓ ନୃତ୍ୟ ପ୍ରତ୍ୟେକ ଲୋକନାଟ୍ୟରେ ଭାବ ପ୍ରକାର ମୂଖ୍ୟ ମାଧ୍ୟମ । ଏତଦ୍‌ବ୍ୟତୀତ ସକ୍ତାକାଶୀ ମଗ, ଲୌକିକି ବାଦ୍ୟଯନ୍ତ୍ରର ବ୍ୟବହାର ମଧ ପ୍ରାୟ ସମସ୍ତ ଲୋକନାଟ୍ୟର ଏକ ଏକ ମୌଳିକ ଉପାଦାନ । ସବୁଥିରେ ପରମ୍ପରାର ସ୍ୱାକ୍ଷର ସ୍ପଷ୍ଟ । ସମାଜିକ କଲ୍ୟାଣ, ଲୋକଶିକ୍ଷା ଓ ଲୋକାନୁଞ୍ଜନ ପ୍ରାୟ ସମସ୍ତ ଲୋକନାଟ୍ୟର ମୌଳିକ ଉଦ୍ଦେଶ୍ୟ ସଙ୍ଗୀତ, ସାହିତ୍ୟ, କଳା ସର୍ବୋପରି ସଂସ୍କୃତି କ୍ଷେତ୍ରରେ ଓଡ଼ିଶାରେ ଏକ ସମୃଦ୍ଧ ପରମ୍ପରା ରହିଛି । ବହୁ ଗୌରବାନ୍ୱିତ ଘଟଣାବଳୀରେ ଉତ୍କଳ-ଇତିହାସ ଶ୍ରୀମଣ୍ଡିତ । ଖ୍ରୀଷ୍ଟପୂର୍ବ ଯୁଗରୁ ଓଡ଼ିଶାରେ ନାଟ୍ୟାଭିନୟର ଧାରା ପ୍ରଚଳିତ । ଚେଦୀ ବଂଶୀୟ ସମ୍ରାଟ ଖାରବେଳ ନାଟ୍ୟାଭିର୍ନ ଜଣେ ପୃଷ୍ଟପୋଷକ ଥିବା କଥା ହାତୀଗୁମ୍ଫା ଓ ରାଣୀଗୁମ୍ଫା ଶିଳାଲେଖାରୁ ମିଳିଥାଏ । ସେ ନିଜେ ଗାନ୍ଧର୍ବ ବିଦ୍ୟାରେ ନିପୁଣ ଥିଲେ ଓ ଲୋକଙ୍କର ମନୋରଞ୍ଜନ ନିମିତ୍ତ ରାଜ୍ୟରେ ପ୍ରେକ୍ଷାଗୃହମାନ ନିର୍ମାଣ କରିଥିଲେ ।

ଓଡ଼ିଶାର ସୋମ, କେଶରୀ, ଗଙ୍ଗ ଓ ସୂର୍ଯ୍ୟବଂଶୀ ସମ୍ରାଟମାନେ ଅଧିକ କଳାପ୍ରିୟ ଥିବାର ଇତିହାସରୁ ଜଣା ଯାଇଥାଏ । ଏମାନଙ୍କ ଦ୍ୱାରା ନିର୍ମିତ ମନ୍ଦିର ଗାତ୍ର ମାନଙ୍କରେ ଚପଳ ଛନ୍ଦରେ ଲାସ୍ୟ ରପ ବହୁ ନର୍ତ୍ତକୀମାନଙ୍କର ଚିତ୍ର ଖୋଦିତ ହୋଇଛି । ବିଭିନ୍ନ ଲୌକିକ ବାଦ୍ୟଯନ୍ତ୍ର ମଧ ସେମାନେ ବ୍ୟବହାର କରୁଥିବାର ଦେଖାଯାଏ । ଗଙ୍ଗ ରାଜତ୍ୱ କାଳରୁ ମାହାରୀ ବା ଦେବଦାସୀ ନୃତ୍ୟ ଓଡ଼ିଶାରେ ପ୍ରଚଳିତ । ତେଣୁ ଏ ସମୟ ବେଳକୁ ଲୋକନାଟ୍ୟ ପରମ୍ପରା ଓଡିଶାରେ ପ୍ରତିଷ୍ଠିତ ହୋଇଥିବା ସମ୍ଭବ ।

ଶୈବଧର୍ମ ପ୍ରସାର କାଳରେ ଓଡିଆ ଲୋକନାଟ୍ୟ ପରମ୍ପରା ଅଧିକ ଦୃଢୀଭୁତ ହୋଇଥିଲା । କାହ୍ନୁପାଙ୍କ ରଚିତ ଏକ ଦୋହାରେ "ସ୍ୱାଙ୍ଗ" ବା ସୁଆଙ୍ଗ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । ବିଶେଷ କରି ଶିବକୁ 'ଆଦିନଟ୍ ବା ନଟରାଜ' କୁହାଯାଏ । ତେଣୁ ଶୈବଧର୍ମ ସହିତ ସଂପୃକ୍ତ 'ଛଉ' 'ଦଣ୍ଡନାଟ' ଆଦି ଏହି ସମୟର ଷୋଡଶ/ସପ୍ତଦଶ ଶତକରେ ବୈଷ୍ଣବ ଧର୍ମର ପ୍ରସାର ଦ୍ୱାରା କେବଳ ଓଡିଶାରେ କାହିଁକି ସର୍ବଭାରତୀୟ ସ୍ତରରେ ମଧ ସାହିତ୍ୟ, ସଙ୍ଗୀତ, କଳା ଚରମ ଉତ୍କର୍ଷ ଲାଭ କରିଥିଲା । ଏହି ସମୟରେ ବିଦଗ୍ଧ ନାଟକ ଯେଉଳି ପ୍ରସାର ଲାଭ କରିଥିଲା ଲୋକନାଟ୍ୟ ମଧ ସେହିପରି ଅଧିକ ମନୋରଞ୍ଜନଧର୍ମୀ ହୋଇ ଲୋକଚିତ୍ତର ନିକଟତମ ହୋଇପାରିଥିଲା ।

ତେଣୁ ଓଡ଼ିଶାଭାଷାର ସୃଷ୍ଟିକଳାରୁ ଓଡିଆ ଲୋକନାଟ୍ୟ ପରମ୍ପରା ରହିଆସିଛି । ସେଥିମଧରେ ଲୀଳା, ସୁଆଙ୍ଗ, ଫାର୍ଶ, ତାମସା, ପାଲା, ଦାସକାଠିଆ ଯାତ୍ରା, ଗୀତିନାଟ୍ୟ, ଛଉ, ଦଣ୍ଡନାଟ, ଘୋଡ଼ାନାଟ, ଦେଶୀୟାନାଟ, ଆଦିପ୍ରଧାନ । ଏଗୁଡ଼ିକ ମଧରେ ବିଧିଗତ ଧର୍ମଗତ ତଥା ପରିବେଷଣ ଗତ ବୈସାଦୃଶ ପରିଲକ୍ଷିତ ହେଲେ ହେଁ ସେମାନଙ୍କର ଆକୃତି ଓ ଅନ୍ତଃସ୍ୱର କୌଣସି ବିଶେଷ ପାର୍ଥକ୍ୟ ଲକ୍ଷ୍ୟ କରାଯାଏ ନାହିଁ ।

**ଉଦ୍ଦେଶ୍ୟ :**

୧. ଭାରତ ଏକ ବିଶାଳ ଭୂଖଣ୍ଡରେ ପ୍ରଚଳିତ ସମସ୍ତ ଲୋକନାଟ୍ୟ ବ୍ୟବହୃତ ଉପାଦାନ ଉପରେ ଆଲୋଚନା କରିବା ।

୨. ସମାଜକଲ୍ୟାଣ, ଲୋକଶିକ୍ଷା ଓ ଲୋକାନୁଞ୍ଜନ ଆଦି ଲୋକନାଟ୍ୟର ମୌଳିକ ଉଦ୍ଦେଶ୍ୟ

## ପୂର୍ବପାଠର ଆଲୋଚନା:

- ୧୯୮୬, ଉତ୍ତର ଓଡ଼ିଶାର ଲୋକନାଟକ, କୁଞ୍ଜବନପୁରି, ବିଶ୍ୱଭାରତୀ, ଉତ୍ତର ଓଡ଼ିଶାରେ ଆର୍ଯ୍ୟ ଓ ଆର୍ଯ୍ୟେତର ସମାନର ସହବାସ୍ଥାନ ଘଟିଛି । "ନୃତ୍ୟଗୀତ ଅଭିନୟର ପରମ୍ପରା ସମସ୍ତ ଜାତି ଓ ଉପଜାତି ମଧ୍ୟରେ ଅଳ୍ପେ ବହୁତ ଦେଖାଯାଏ । ଏଣୁ ପରସ୍ପରର ନୃତ୍ୟ ଓ ଅଭିନୟ ଦ୍ୱାରା ପ୍ରଭାବିତ ହୋଇ ଏହି ଅଗଳର ଲୋକନାଟକ ପାରସ୍ପରିକ ଅନ୍ୱାନ ଲୋକନାଟକର ସ୍ୱରୂପ ସନ୍ଧାନରେ ସହାୟକ ହୋଇପାରିବ ।"(୨)

- ୧୯୮୭, କଳାହାଣ୍ଡିର ଲୋକସଂସ୍କୃତି, ମହେନ୍ଦ୍ର କୁମାର ମିଶ୍ର, ସମ୍ବଲପୁର, ୧୯୯

"ଓଡିଶାର ପୂର୍ବତନ କଳାହାଣ୍ଡି ରାଜ୍ୟ ତଥା ମଧ୍ୟଦେଶାନ୍ତରଗତ ଓଡ଼ିଆବାସୀ ଖଡ଼ିଆଳ ରାଜ୍ୟକୁ ନେଇ ୧୯୪୯ ରେ କଳାହାଣ୍ଡିଜିଲା ଗଠିତ ହେଲା । କଳାହାଣ୍ଡି ଜିଲ୍ଲାର ପୂର୍ବତର ଫୁଲବାଣୀ ଓ କୋରାପୁଟ, ପଶ୍ଚିମରେ ମଧ୍ୟପ୍ରଦେଶ, ଓ କୋରାପୁଟ, ଉତ୍ତରରେ ବଲାଙ୍ଗୀର ସମ୍ବଲପୁର ଓ ମଧ୍ୟପ୍ରଦେଶ ତଥା ଦକ୍ଷିଣରେ କୋରାପୁଟ ଜିଲ୍ଲା ଅବସ୍ଥିତ । ମହେନ୍ଦ୍ରକୁମାର ମିଶ୍ରକୁ ଆଲୋଚନାରୁ କଳାହାଣ୍ଡି ଜିଲ୍ଲାର ପାରିବାରିକ ସଂଗଠନ ।" ଗ୍ରାମ ସଙ୍ଗଠନ, ପାରିବାରିକ ଧର୍ମାଚାର, ସାମାଜିକ ଧର୍ମାଚାର ଲୋକ ସାହିତ୍ୟ, ଲୋକଗୀତ, ଲୋକକଥା, ଲୋକକାହାଣୀ, କିମ୍ବଦନ୍ତି, ମିଥ୍, ଲୋକନୃତ୍ୟ ଓ ଲୋକନାଟ୍ୟ ଆଦିରୁ ଅତି ଉଚ୍ଚକୋଟୀର ଉପାଦାନ ମାନ ସ୍ଥାନିତ ହୋଇଛି ।(୩)

-୧୯୮୯, ଓଡ଼ିଆ ଉପନ୍ୟାସରେ ଲୋକଉପାଦାନ, ମିହିର କୁମାର ସାହୁ ବିଶ୍ୱଭାରତୀ ୧୯୯୫

ଉପନ୍ୟାସ ହେଉଛି ମାନବ ସମାଜର ଉତ୍ଥାନ- ପତନ, ଆଶା, ନୈରାଶ୍ୟର ଚଳମାନ ଗଦ୍ୟକାହାଣୀ । ଉପନ୍ୟାସ ମନୁଷ୍ୟ ଜୀବନର ବହୁ ଗୋପନ ସତ୍ୟକୁ ଉଦ୍ଘାଟନ କରିବାରେ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଆଗୁଆ ହୋଇଛି । ଉପନ୍ୟାସ ଓ ଲୋକ ଉପାଦାନର ସମ୍ପର୍କ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ଭାରତୀୟ ତଥା ଉତ୍କଳୀୟ ଉପାଦନରେ ପରିପୁଷ୍ଟ ହୋଇଥିଲେ ମଧ୍ୟ ଲୋକ ଉପାଦାନ ଯେ ଏହାକୁ ପ୍ରାଣ ପ୍ରାଚୁର୍ଯ୍ୟରେ ଭରି ଦେଉଛି ଏଥିରେ ସନ୍ଦେହ ନାହିଁ ।

-୧୯୯୦- ପୂର୍ବ ଭାରତୀୟ ରାମ ସାହିତ୍ୟରେ ଲୋକ ପରମ୍ପରାର ଚିତ୍ର, ପ୍ରଷନ୍ନ କୁମାର ପାଢଶାଣୀ, ଉତ୍କଳ, ୧୯୯୫ ଭାରତୀୟ ସଂସ୍କୃତି, ବୈଦିକ ସଂସ୍କୃତି ଓ ଲୋକ ସଂସ୍କୃତିର ଏକ ସମ୍ମିଳିତ ରୂପ । ବୈଦିକ ସଂସ୍କୃତ ଶିକ୍ଷିତ ସମାଜରେ ଆଦୃତ ଥିବାବେଳେ ଲୋକ ସଂସ୍କୃତ ସାଧାରଣ ଲୋକ ସମାଜର ପ୍ରବାହିତ ଓ ମଙ୍ଗଳ ବିଧାନ ନିମନ୍ତେ ଅଭିପ୍ରେରିତ । ଭାରତ ତଥା ଓଡ଼ିଶାର ଲୋକ ସଂସ୍କୃତିକୁ ଆଧାର କରି ତାହାର ପର୍ଯ୍ୟାପ୍ତ ପରିବେଶଣ ରାମ ସାହିତ୍ୟରେ ଦେଖିବାକୁ ମିଳେ ।

-୧୯୫୪, ଓଡ଼ିଆ ଲୋକଗୀତ ଓ ଲୋକ କାହାଣୀ, ଲୋକରତ୍ନ କୃଷ୍ଣ ବିହାରୀ ଦାସ,ବିଶ୍ୱଭାରତୀ, ୧୯୫୮

ଲୋକଗୀତ ହେଉଛି ଲୋକବେଦ, ମୃତିରୁ ସ୍ତୁତିକୁ ଏହାର ଗତି । ଏକ ଯୁଗର ନରନାରୀ ପୂର୍ବଜ, ପୂର୍ବଜନ୍ମ ଦ୍ୱାରା ଶିକ୍ଷିତ ଓ ଦିକ୍ଷିତ ହୁଅନ୍ତି । ଏ ଧାରା ଅବିଛନ୍ନ । ପ୍ରତି ଯୁଗରେ ଏହା ପରିବର୍ତ୍ତନ ଓ ପରିବର୍ଦ୍ଧିତ ହୁଏ । ଲୋକଗୀତର ସ୍ୱରୂପ, ରୂପରୂପାନ୍ତର, କର୍ମଗୀତ, ନୃତ୍ୟଗୀତ, ଗୀତର ବ୍ୟବହାର ଲୋକଗୀତର ପ୍ରକାର ଭେଦ ଓ ପରିଚୟ, ଗାଥାଗୀତକ, ପାଲା, ପାଟୁଆ ଯାତ୍ରା ଦଣ୍ଡନାଟ, ଚଇତି ଘୋଡାନାଟ, ସଖୀନାଟ, ମୋଗଲତାମସ, ହଳିଆଗୀତ, ଲୋକକା ଆଦି ।

- ୧୯୯୭ ଲୋକ ସାହିତ୍ୟ ଗବେଷଣା, ସଂପାଦନା, ଡକ୍ଟର ସ୍ୟାମ ସୁନ୍ଦର ମହାପାତ୍ର ଡକ୍ଟର ମିହିର କୁମାର ସାହୁ, ପ୍ରେଣ୍ଡସ ପବ୍ଲିଶର୍ସ, ଲୋକ ସାହିତ୍ୟ ସମ୍ପର୍କରେ ବସିଶେଷ ବିବରଣୀ ଉପଲବ୍ଧ ଯଥା, ଲୋକଗୀତ ଓ ଲୋକ କାହାଣୀ, ଓଡ଼ିଆ ଲୋକଗାଥା, ଉତ୍ତର ଓଡ଼ିଶାର ଲୋକନାଟକ, ପଶ୍ଚିମ ଓଡ଼ିଶାର ଯାତ୍ରା ପରମ୍ପରା ଆଦି ଉଚ୍ଚକୋଟିର ନିବନ୍ଧ ସ୍ଥାନିତ ହୋଇଛି ।

-୧୯୭୫ – A study of oriya folk Ballads, ଶ୍ୟାମସୁନ୍ଦର ମହାପାତ୍ର, ବିଶ୍ୱଭାରତୀ, ୧୯୮୮

ଓଡ଼ିଆ ଲୋକ ସାହିତ୍ୟର ଅନନ୍ୟା ବିଭାଗ ପରି ଲୋକଗାଥା ଏକ ସମୃଦ୍ଧ ସାହିତ୍ୟ । "ଓଡ଼ିଶାର ବୀର ଜାତୀକୁ ବିରତ୍ୱର କାହାଣୀକୁ ନେଇ ଲୋକଗୀତ ସମୃଦ୍ଧ, ସାମାଜିକ ଓ ପାରିବାରିକ ଜୀବନ ଭିତ୍ତିକ ଗାଥା ତଥା ଓଷା, ବ୍ରତ ପୂଜାବିଧି ଇତ୍ୟାଦି ଗାଥା ଭାବରେ ପ୍ରଚଳିତ । ଯୋଗୀଗୀତ ମାଧ୍ୟମରେ ଗାଥାଗୁଡ଼ିକ ଓଡ଼ିଆ ଲୋକ ସମାଜର ଗୀତ ମାଧ୍ୟମରେ କଥା ଶୁଣିବାର ଆକାଂକ୍ଷା ଚରିତାର୍ଥ କରିଛି । ଆନ୍ତର୍ଜାତିକ କ୍ଷେତ୍ରରେ ପରିଦୃଷ୍ଟ ଗାଥାର ସାଧାରଣ ବୈଶିଷ୍ଟ୍ୟ ଓଡ଼ିଆ ଲୋକଗାଥାରେ ପରିଦୃଷ୍ଟ ହୁଏ ।"(୪)

**ଲୋକନାଟକର ପ୍ରକାର ଭେଦ:** ୧)ସଖୀନାଟ, ୨)ଚଇତି ଘୋଡ଼ାନାଟ, ୩)ଦଣ୍ଡନାଟ, ୪)ପାଲା, ୫)ମୋଗଲତାମସା, ୬)ଛଉନାଟ, ୭)ଚଡ଼ିଆନାଟ, ୮)କାଠି ନାଟ, ୯)ଲଳିପ ପାଲା, ୧୦)ଝୁମର, ୧୧)କଣ୍ଢେଇ ନାଟ, ୧୨)ରାମଲୀଳା, ୧୩)କୃଷ୍ଣଲୀଳା, ୧୪)ଭାରତିଆ ପାଲା, ୧୫)ମନସା ମଙ୍ଗଳ, ୧୬) ଦଧି ।

## ଆଲୋଚନା :

**ସଖୀ ନାଟ-** ସଖୀ ନାଟ ଏକ ପ୍ରାଚୀନତମ ଲୀଳା । ଅଭିନେତା ଓ ଅଭିନେତ୍ରୀ କଢ଼ପିତୁଳା । ନାଟର ଚାଳନା ଲାଗି ସୂତ୍ରଧର, ସଂଳାପକ, ବାଦକଥାଆନ୍ତି । ପାରିବାରିକ କଳାରୂପେ ସଖୀନାଟର ଉତ୍ପତ୍ତି ଓ ବିକାଶ । ଏହା ଲୋକରୁଚି ଅନୁଧାବନ କରେ ତେଣୁ ଯୁଗେ ଯୁଗେ ରୁପାନ୍ତର ଘଟେ । "ଭାରତ ବ୍ୟତୀତ ଚୀନ, ଜାପାନ, ଇଟାଲୀ, ଇଂଲଣ୍ଡ, ପାରସ୍ୟ, ଜେକୋସ୍ଲୋଭିକିଆ, ବର୍ମାରେ 'ସୁଖୀନାଟ'ର ପ୍ରଚଳିତ ଅଛି । ଏହାର ରଙ୍ଗମଗ ଦୁଇ ଭାଗରେ ବିଭକ୍ତ । ପୃଷ୍ଟଭାଗରେ ସଜ୍ଜାଘର, ସାମ୍ନାରେ ଅଭିନୟ ସ୍ଥାନ, ରଙ୍ଗମଗର ଲମ୍ବା ଚାରିହାତ ଓସାର ଦୁଇହାତ ଓ ଉଚ୍ଚତା ତିନିହାତ ହେବ । ତିନି ଦିଗରେ ଆଠ ଗୋଟି ବାଡ଼ି ପୋତା ହୁଏ । କେନାରେ ଲଟକାଇ ସଖୀ ସଙ୍ଗାଯାଏ । ରେଶମ ଦଉଡ଼ିରେ ସଖୀ ଗୁନ୍ଥା ହୁଅନ୍ତି । ପୃଷ୍ଟଭୁମିରେ ସୂତ୍ରଧରିଥାଏ । ସଖୀଗୁଡ଼ିକ ଆପେ ଆପେ ନୃତ୍ୟ କଲା ପରି ଜଣାଯାଏ । ତିନିଫୁଟରୁ ସଖୀ ଉଚ୍ଚ ହୁଏ ନାହିଁ ।"(୫)

ସଖୀ ନାଟୁଆ ପ୍ରଚଳିତ ଲୀଳା, ସୁଆଙ୍ଗ, ଫାର୍ସ ବ୍ୟବହାର କରେ ଏଥିରେ ଗୋପୀଲୀଳା, କଂସବଧ, ସାବିତ୍ରୀ, ସତ୍ୟବାନ, ଆଦି ପରିବେଷିତ ହୁଏ । ଏଥିରେ 'ଅଣ୍ଡିରି ପୁଅ ଉଦ୍ଧବ' ବାହାରେ । ଏହି ଚରିତ୍ରଟି ବ୍ୟଙ୍ଗାର ଦର୍ଶକର ମନୋରଞ୍ଜନ ଲାଗି ମଝିରେ ମଝିରେ ଫାର୍ସ ଖଞ୍ଜା ଯାଇଛି । ଶିଶୁମାନଙ୍କ ଚଞ୍ଚ ଆକର୍ଷଣ ପାଇଁ 'ପଦ୍ମତୋଳା', ବାଘର ହରିଣ ଶିକାର ଆଦି ଦୃଶ୍ୟ ଦେଖାଯାଏ । ଚଇତା ଚନ୍ଦୁରୀ, ଫାର୍ସ ମଧ୍ୟ ସଖୀନଟର ଅଙ୍ଗୀଭୂତ ହୋଇଛି ।

**ଚଇତି ଘୋଡ଼ାନାଟ -** ଚଇତି ଘୋଡ଼ାନାଟ ଓଡିଆ କେଉଟ ମାନଙ୍କର ବିଶିଷ୍ଟ ପର୍ବ, ଏଥିରେ ଅଶ୍ୱମୁଖୀ ବଶୁଳୀଙ୍କ ପୂଜା ହୁଏ । ଚଇତି ପୂର୍ଣ୍ଣମାଠାରୁ ଅଷ୍ଟମୀ ପର୍ଯ୍ୟନ୍ତ କେଉଟ ମାନେ ସମସ୍ତ ବ୍ୟବସାୟ ବନ୍ଦ କରି ଗ୍ରାମେ ଗ୍ରାମେ ଚଇତି ଘୋଡ଼ାନାଟ

ରେ ମାତି ଯାଆନ୍ତି ।

"ମଣିଷର ଅଣ୍ଟାଠାରୁ ନିମ୍ନଅଂଶ ଘୋଡ଼ା ଭିତରେ ଲୁଚିଥାଏ ଓ ଅଣ୍ଟାଠାରୁ ଉପର ଅଂଶ ଘୋଡ଼ା ଉପରେ ବସିବା ପରି ଅନୁମିତ ହୁଏ । ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ାମଧ ନାଚେ । ଘୋଡ଼ା ନାଚରୁ ଜଣେ ପୁରୁଷ ଓ ଜଣେ ସ୍ତ୍ରୀ ବେଶ ପୁରୁଷ ବାହରନ୍ତି । ଗୀତ ନାଚ ମଝିରେ ହାସ୍ୟରସ କଥା ଅବତାରଣା କରି ମନୋରଞ୍ଜନ କରନ୍ତି । ଚଇତି ଘୋଡ଼ା ଗୀତରେ ବୋଲା ହେଉଥିବା ଉଭୟ ପଡ଼ା ବନ୍ଦିଆ ଓ ଅର୍ଥ ବନ୍ଦିଆ ଗୀତର ବିଷୟବସ୍ତୁ ପୌରାଣିତ । ମୌଖିକ ଗୀତ ଘୋଡ଼ାନାଟୁଆର ମୌଳିକ ସୃଷ୍ଟି । ଏଥିରେ ତା ଜୀବନର କରୁଣ ଗାଥା, ଅନ୍ନ ସଂସ୍ଥାନ ଲାଗି ତାର ଦୈନନ୍ଦିନ ସଂଗ୍ରାମର ଇତିହାସ ପ୍ରକାଶିତ ।"(୬)

**ଦଣ୍ଡନାଟ** – ଦଣ୍ଡନାଟ ମଧ ଏକ ଲୋକପ୍ରିୟ ଅନୁଷ୍ଠାନ । ଏହା ସବୁ ଜାତି ପାଟକର ଏକ ସମନ୍ୱୟ । ବ୍ରାହ୍ମଣ, କେଉଟ, ହାଡି, ପାଣ, ଧୋବା, ଭଣ୍ଡାରି ଶିବଙ୍କ ସାମ୍ନାରେ ସମସ୍ତେ ଭୋକ୍ତା ସଂଖ୍ୟା ୧୭ ଜଣ । ପ୍ରଧାନ ଭୋକ୍ତାର ନାମ ପାଟଭୋକ୍ତା । ଦଣ୍ଡନାଟରେ ପୂଜିତ ଘଟକୁ କାମନା ଘଟ କହନ୍ତି । ଏଥିରେ 'ଘଟ ଉଠା' ପାଟୁଆଙ୍କ ପାଣିତୋଳା ପରି । ଶିବଙ୍କ ଦେଉଳ ସାମ୍ନାରେ 'କାମନା' ଘର ତିଆରି ହୁଏ ।

ଦଣ୍ଡଯାତ୍ରା ବିବିଧ ଧର୍ମବିଶ୍ୱାସରେ ଏକ ସୂଚୀପତ୍ର । ଏଥିରେ ଆଦିବାସୀ ଶବର ଓ ପତ୍ରସଉରାଙ୍କ ଠାରୁ ଆରମ୍ଭ କରି ମୋଗଲ ଯୁଗର 'କୀରଙ୍କ ପର୍ଯ୍ୟନ୍ତ ବିବିଧ ଜାତି ଓ ଧର୍ମ ସମ୍ପ୍ରଦାୟର ପ୍ରତିନିଧି ଅଛନ୍ତି । 'ବାଇଧନ' ଚରିତ୍ରଟି ଦଣ୍ଡଯାତ୍ରାରେ ବିଶେଷ ସ୍ଥାନ ଅଧିକାର କରିଛି । ପାଟୁଆ ଯାତ୍ରା ପରି ଦଣ୍ଡଯାତ୍ରାରେ ଶୈବ ଓ ଶାକ୍ତ ତନ୍ତର ସମନ୍ୱୟ ଘଟିଛି । ଦଣ୍ଡୁଆ ମାନେ ଗଣେଶ, ଗୌରୀ, ସାରଳା, ସରସ୍ୱତୀ ପ୍ରଭୃତି ବହୁ ଦେବା ଦେବା ଦେବୀଙ୍କୁ ପ୍ରାଥନା କରନ୍ତି । କିନ୍ତୁ ସେମାନଙ୍କର ପ୍ରଧାନ ଆରାଧ ଦେବତା ହେଲେ ଶିବ । ଚୈତ୍ର ଓ ବୈଶାଖ ମାସରେ ଉପବାସ କରି ଶିବରାଧନା କଲେ ଧନଧାନ୍ୟ, ସନ୍ତାନ୍ତ ଓ ଜାତିଶ୍ରେଷ୍ଠତା ଲାଭହୁଏ ବୋଲି ଲୋକ ବିଶ୍ୱାସ ଅଛି । ଦଣ୍ଡଗୀତ ସବୁ ପ୍ରାଚିନ ରାଗ ରାଗିଣୀରେ ରଚିତ ହୋଇଛି । ବିଷୟବସ୍ତୁ ପୌରାଣିକ । ବାଦୀପାଲା, ବାଦୀପାଟୁଆ ପରି ବାଦୀ ଦଣ୍ଡଯାତ ମଧ ହୁଏ । ଦଣ୍ଡ କବିଙ୍କର ଉଦ୍ଦେଶ୍ୟ ହେଲା ରସଚର୍ଚ୍ଚା ।

**ପାଲା**–ପାଲା ପଲ୍ଲୀର ଲୋକପ୍ରିୟ ଅନୁଷ୍ଠାନ । ଏହା ପ୍ରାଚୀନ ଓଡିଆ ସାହିତ୍ୟର, ଛନ୍ଦ, ସ୍ୱରତାଳ, ଲୟକୁ ଲୋକ ମନରେ ଜୀବନ୍ତ କରି ରଖିଅଛି । ପାଲା ଆରମ୍ଭରେ ସତ୍ୟନାରାୟଣଙ୍କୁ ପୂଜା କରାଯାଏ । ପୁତ୍ରଲାଭ, ଧନଲାଭ, ମକଦ୍ଦମା ଡିଗ୍ରୀଲାଭ, ଯଶଃଲାଭ, ରୋଗମୁକ୍ତି ଏହି ପୂଜାର ଉଦ୍ଦେଶ୍ୟ ହିନ୍ଦୁତ୍ଵ ସତ୍ୟ ଓ ମୁସଲମାନଙ୍କ ପୀରକୁ ନେଇ ସତ୍ୟପୀର ଦେବତାଙ୍କ ସୃଷ୍ଟି । ମହାରାଷ୍ଟ୍ର, କର୍ଣ୍ଣାଟକ, ପଗାବ ଓ କାଳକ୍ରମେ ଆଦିବାସୀଙ୍କ ମଧରେ ସତ୍ୟନାରାୟଣ ପୂଜା ପ୍ରଚଳିତ ଅଛି । ବଙ୍ଗଳାର ପାଗାଳୀ ଓ କବି ଗାନସହ ପାଲାର ସାମ୍ୟ ଅଛି । ପ୍ରତି ପାଲା ଦଳରେ ୫/୬ ଜଣ ବ୍ୟକ୍ତି ଥାଆନ୍ତି । ଏକରୁ ଷୋଳ ପାଲାଯାଏ ଅଛି । ଜନ୍ମପାଲା, ପଦ୍ମଲୋଚନ ପାଲା, ମର୍ଦ୍ଦଗାଜି ଜନ୍ମ ପାଲା, ବିଦ୍ୟାଧର ପାଲୀ, ମଦନ ସୁନ୍ଦର ପାଲା ଆଦି ଓଡ଼ିଶାର ପ୍ରଚଳିତ ।

ବୈଠକୀ ପୂଜାରେ ବେଦୀ ମଧରେ ସତ୍ୟନାରାୟଣଙ୍କ ଆସ୍ଥାନ । ଚାରି ଦିଗରେ ଗଣେଶ, ଶିବ, ସୂର୍ଯ୍ୟ ଓ ଦୁର୍ଗାଙ୍କ ମୂର୍ତ୍ତି ସ୍ଥାପନ କରାଯାଏ । ସତ୍ୟନାରାୟଣଙ୍କୁ ଶିରିଣି ଭୋଗ ଦିଆଯାଏ । ଠିଆପାଲାରେ ସତ୍ୟନାରାୟଣଙ୍କ ଅସ୍ଥାନ ବସେ,

ବନ୍ଦନା ବେଳାଯାଏ । କିନ୍ତୁ ବାଦୀପାଲାରେ ସତ୍ୟନାରାୟଣ କେବଳ ବନ୍ଦନା ମଧ୍ୟରେ ଆବଦ୍ଧ ରହନ୍ତି । ସାହିତ୍ୟ ରସ ଧାରାରେ ଜନ-ଚିତ୍ତ ପ୍ଲାବନ କରିବା ଉଭୟ ଦଳର ଲକ୍ଷ୍ୟ ହୁଏ । ପାଲାବାଲାର ଗୀତ ପ୍ରଧାନତଃ ମଧ୍ୟଯୁଗ ସାହିତ୍ୟର ଏକ ତୁଳାନାତ୍ମକ ରସମୟ ଆଲୋଚନା । ମଧ୍ୟେ ମଧ୍ୟେ ଗାୟକ କୌଣସି ପ୍ରଶ୍ନର ସମାଧାନ ଲାଗି ମୌଖିକ ରଚନା ମଧ୍ୟ କରେ । ଓଡ଼ିଶାରେ ପ୍ରଚଳିତ ଅଧିକାଂଶ ପାଲା କବି କର୍ଣ୍ଣଙ୍କ ଦ୍ୱାରା ରଚିତ ।

**ମୋଗଲ ତାମସା-** ମୋଗଲ ତାମସା ଏ ଦେଶରେ ମୋଗଲ ମାନଙ୍କ ଶାସନ ଓ ଅଦ୍ୟାପି ହିନ୍ଦଙ୍କ ମଧ୍ୟରେ ଅବଶିଷ୍ଟ ସେମାନଙ୍କ ସଂସ୍କୃତିର ସ୍ମାରଣ ମୋଗଲ ଯିବା ପରେ ତାମସାରେ ଇସ୍‌ଲାମ ସଂସ୍କୃତି ଅବିମିଶ୍ରିତ ହୋଇ ରହିଲା ନାହିଁ । ପାଟୁଆ ଯାତ୍ରା ଚଡ଼କ ପୂଜା, ଦଣ୍ଡନାଟ, ଛଉନାଚ ପ୍ରଭୃତି ଲୌକିକି ଶିବୋତ୍ସବର ଧର୍ମଧାରା, ବୈଷ୍ଣବ ଧର୍ମର ପ୍ରବାହ ମଧ୍ୟ ଏହା ମଧ୍ୟକୁ ପ୍ରସାରିତ ହେଲା । ଲୀଳା, ନାଟକ, ସୁଆଙ୍ଗର ସଂଳାପ ହାସ୍ୟରସ ଏଥିରେ ମିଶିଲା । ବିଷୁବ ସଂକ୍ରାନ୍ତି ଦିନ ମହାଦେବ ମନ୍ଦିର ନିକଟବର୍ତ୍ତୀ ସ୍ଥାନରୁ ମୋଗଲ ବାଦସାହାଙ୍କ ପଟୁଆର ଆରମ୍ଭ ହୁଏ । ଆଗେ ତିରିଶ ଗୋଟି ତାମସା ପ୍ରଚଳିତ ଥିଲା । ଦିନକୁ ଗୋଟିଏ ହିସାବରେ ଚୈତମାସ ସାରା ଅଭିନୀତ ହେଉଥିଲା ଏବେ ଚଉଡ଼ା ତାମସା, ମଫକୀର ତାମସା, ଯୋଗୀ ତାମସା, ଭେଲ ତାମସା ପ୍ରଭୃତି ଛଅଗୋଟି ତାମସା ମାତ୍ର ପ୍ରଚଳିତ ଅଛି । ଏହା ମଧ୍ୟରେ ମୋଗଲ ତାମସା ସର୍ବପ୍ରଧାନ ।

**ଛଉନାଟ-**"ଛଉନାଚ ଆନ୍ତର୍ଜାତିକ କ୍ଷେତ୍ରରେ ସୁପରିଚିତ । ଏହା ମୟୂରଭଞ୍ଜ ଜିଲ୍ଲାର ଏକ ପାରମ୍ପରିକ ଲୋକନାଟକ । ପ୍ରତିବର୍ଷ ଚୈତ୍ର ସଂକ୍ରାନ୍ତି ବେଳକୁ ଏହା ଅନୁଷ୍ଠିତ ହୋଇଥାଏ । ମୟୂରଭଞ୍ଜର ଲୋକଜୀବନ ସହିତ ଏହାର ସମ୍ପର୍କ ଖୁବ୍ ଘନିଷ୍ଠ । ଏହି ଅଳଗର ସମାଜ, ସଂସ୍କୃତି, ଧର୍ମ ଓ ପ୍ରକୃତି ଆଦି ଛଉ ନାଚରେ ରୂପ ପାଇଥାଏ । ଏହା ଏକ ଧର୍ମାନୁଷ୍ଠାନଭିତ୍ତିକ ଲୋକନାଟକ । ଚୈତ୍ର ପର୍ବ ସହିତ ଛଉନାଚ ଓତପ୍ରୋତ ଭାବେ ଜଡ଼ିତ । ମୟୂରଭଞ୍ଜ ଅଞ୍ଚଳର ଆଦିବାସୀ ଓ ଅଣ ଆଦିବାସୀ ଉଭୟ ସମ୍ପ୍ରଦାୟ ପାଇଁ ଚୈତ୍ରପର୍ବ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ।"(୭)

ମୟୂରଭଞ୍ଜ ବ୍ୟତୀତ ବିହାରର ଷଢ଼େଇକଳା, ପଶ୍ଚିମବଙ୍ଗର ପ୍ରରୁଲିଆ ଜିଲ୍ଲା ମଧ୍ୟ ଛଉନାଚ ପାଇଁ ପ୍ରସିଦ୍ଧ । ଏଇ ତିନୋଟି ସ୍ଥାନର ନୃତ୍ୟରୂପ ମଧ୍ୟରେ କେତେକ ପାର୍ଥକ୍ୟ ରହିଛି କିନ୍ତୁ ଏଗୁଡ଼ିକର ଆଭିମୂଖ୍ୟ ପ୍ରାୟ ସମାନ ।

ଛଉନାଚର ପ୍ରସଙ୍ଗଭିତ୍ତିକ ଆଲୋଚନାରୁ ଏହି ମୟୂରଭଞ୍ଜ ଅଗଳରେ ପ୍ରଚଳିତ । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପ୍ରଭାବ ପ୍ରସୂତ ଏକ ନୃତ୍ୟରୂପ ବୋଲି ଜଣାଯାଏ । ଏହି ଅଞ୍ଚଳର ଆଦିବାସୀ ସଂସ୍କୃତି ଓ ହିନ୍ଦୁ ସଂସ୍କୃତିର ସମନ୍ୱିତ ରୂପ ଏଥିରେ ପ୍ରକାଶିତ ସ୍ଥାନୀୟ ପ୍ରକୃତ ଓ ପରିବେଶର ଚିତ୍ର ମଧ୍ୟ ଛଉନାଚର ବିଭିନ୍ନ ନୃତ୍ୟରୂପ ମଧ୍ୟରେ ପ୍ରତିଫଳିତ ହୋଇଥାଏ । ଚୈତ୍ର ପର୍ବର ଶୈବ ଉପାସନା ସହିତ ସଂପୃକ୍ତ ହୋଇଥିବାରୁ ଏଥିପ୍ରତି ଜନସାଧାରଣ ବିଶେଷ ଆକୃଷ୍ଟ ହୋଇଥାନ୍ତି । ଦର୍ଶକମାନଙ୍କର ଅଂଶଗ୍ରହଣରୁ ପରିବେଷଣ ସମୟରେ ଅଭିନେତା ଓ ଦର୍ଶକମାନଙ୍କ ମଧ୍ୟରେ ଘନିଷ୍ଟ ସମ୍ପର୍କ ପ୍ରତିଷ୍ଠିତ ହୋଇଥାଏ । ଏଥିରେ ଛଉନାଚ ଏକ ଯଥାର୍ଥ ଲୋକନାଟକ ଭାବରେ ପ୍ରତିପାଦିତ ହୋଇଥାଏ ।

**ଚଢ଼ିଆନାଟ-** ଚଢ଼ିଆନାଟ ମୟୂରଭଞ୍ଜ ଓ ବାଲେଶ୍ୱର ଅଗଳରେ ଏକ ଲୋକପ୍ରିୟ ଲୋକନାଟକ । ଏହା କେତେକ ଅଗଳରେ ଚଢ଼େୟା ନୃତ୍ୟ, ଚଦେୟା ଚଢ଼େୟାଣୀ ନାଚ ଭାବରେ ମଧ୍ୟ ପରିଚିତ । ଚଢ଼ିଆ ନାଟ କୌଣସି ଲୋକନାଟକର ଅଂଶବିଶେଷ ନୁହେଁ । ଏକ ଏକ ସ୍ୱତନ୍ତ୍ର ଧରଣର ଲୋକନାଟକ । ମୟୂରଭଞ୍ଜ ଓ ବାଲେଶ୍ୱର ଗ୍ରାମାଞ୍ଚଳରେ ଏହାର ବହୁଳ

ପ୍ରଚଳନ ପରିଲକ୍ଷିତ ହୁଏ । ଚଢ଼ିଆନାଟର ପ୍ରସଙ୍ଗ– ଭିତ୍ତିକ ଅନୁଶୀଳନରୁ ଏହା ବହୁ ପ୍ରାଚୀନକାଳର ନୃତ୍ୟରୂପ ବୋଲି ମନେ ହୁଏ ।

ପରିବେଷଣ ଶୈଳୀର ଜଟିଳତା ବ୍ୟୟବହୁଳତା ଆଙ୍ଗିକ ତଥା ଆତ୍ମିକ ପରିବର୍ତ୍ତନ ଯୋଗୁଁ ଲୋକନାଟକ କେତେକ କ୍ଷେତ୍ରରେ ଲୋକ ସମାଜ ଠାରୁ ଦୂରେଇ ଯାଉଥିବାର ଦେଖାଯାଉଛି । କିନ୍ତୁ ଚଢ଼ିଆନାଟ କ୍ଷେତ୍ରରେ ଏ ଧରଣର କୌଣସି ସମସ୍ୟା ଦେଖାଯାଏ ନାହିଁ । ନିରାଡ଼ମ୍ବର ମଗସଜ୍ଜାଖର୍ଚ୍ଚର ସ୍ୱଳ୍ପତା ତଥା ଯୁଗରୁଚି ପ୍ରତି ସଚେତନତା ଯୋଗୁଁ ଚଢ଼ିଆନାଟ ଦିନକୁ ଦିନ ଅଧିକ ଲୋକପ୍ରିୟ ହେବାରେ ଲାଗିଛି ।

**କାଠିନାଟ–** ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେ ଆଦିବାସୀ ଅଧିଷିତ ଅଞ୍ଚଳରେ କାଠିନାଚ ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ସମ୍ପ୍ରଦାୟ ଦ୍ୱାରା ଏହା ଭିନ୍ନ ଭିନ୍ନ ରୂପରେ ପରିବେଷିତ ହେଉଥିବାର ଦେଖାଯାଏ । ଏହା ଏକ ସଙ୍ଗୀତ ପ୍ରଧାନ ଲୋକନାଟକ । ଏଥିରେ ସାଧାରଣତଃ ପୌରାଣିକ ବିଷୟବସ୍ତୁ ଅଭିନୀତ ହୋଇଥାଏ ।

କାଠିନାଚର ଦୁଇଟି ରୂପ ଦେଖିବାକୁ ମିଳେ । ମୟୂରଭଞ୍ଜ ଓ କେନ୍ଦୁଝରର ସାନ୍ତାଳ, ଭୂମିତ, କମାର, କୁମ୍ଭାର ଆଦି ସମ୍ପ୍ରଦାୟ ଦ୍ୱାରା ମକର ସଂକ୍ରାନ୍ତିରେ ଏକ ପ୍ରକାର କାଠିନାଚ ଅନୁଷ୍ଠିତ ହୋଇଥାଏ । କାଠିନାଚ ଅଭିନୀତ ହେବାପାଇଁ ସ୍ୱତନ୍ତ୍ର ଧରଣର ମଗର ଆବଶ୍ୟକ ପଡ଼ିଥାଏ । ପୌରାଣିକ ବିଷୟବସ୍ତୁ ସଜିତ ଏଥିରେ ସ୍ଥାନ ପାଇଥିବା ଫାର୍ସ, ଡୁଏଟ ଓ ଶଙ୍କରା ଚରିତ୍ରର ଏକକ ସଙ୍ଗୀତ ଆଦିରେ ସମସାମୟିକ ସମାଜ ଓ ସଂସ୍କୃତିର ଚିତ୍ର ପ୍ରାକୃତିକ ପରିବେଶ ତଥା ଦୈନନ୍ଦିନ ଜୀବନର ବହୁଘଟଣା ରୂପ ପାଇଥାଏ ।

"କାଠିନାଚ"ର ପରିବେଷଣ ଶୈଳୀ ଖୁବ୍ ସରଳ । ଏହାର ମଗ ପରିପାଟୀ ଓ ଅଭିନେତା ମାନଙ୍କର ଅଙ୍ଗସଜା ମଧ୍ୟ ନିରାଡ଼ମ୍ବର ପୌରାଣିକ ବିଷୟବସ୍ତୁ ଅଭିନୀତ ହେଉଥିଲେ ହେଁ ଲୋକ କବିର ସମାଜ ସଚେତନତା, ଅଭିନେତାମାନଙ୍କ ସମାଜ ମାନସିକତା ଓ ପାରିପାର୍ଶ୍ୱିକ ସମାଜର ପ୍ରଭାବରୁ ଏଥିରେ ସମାଜ ଜୀବନର ବହୁଘଟଣା ସ୍ଥାନ ପାଇଥାଏ । ରଚୟିତା ଓ ଅଭିନେତାଙ୍କର ଏହି ସମାଜ ମାନସିକ ଯୋଗୁ ହିଁ କାଠିନାଚ ଦର୍ଶକ ସମାଜକୁ ସହଜରେ ଆଲୋଡ଼ିତ କରିପାରେ ।

**ଲଳିତାପାଲା–** ଉତ୍ତର ବାଲେଶ୍ୱର ଅଞ୍ଚଳର ପରିଚିତ ଲୋକନାଟକ ଗୁଡ଼ିକ ମଧ୍ୟରୁ ଲଳିତା ପାଲା ଅନ୍ୟତମ । ଏହା ଏକ କିମ୍ବଦନ୍ତୀ ମୂଳକ ଲୋକନାଟକ । ଇନ୍ଦ୍ରଦ୍ୟୁମ୍ନ ରାଜା ବିଦ୍ୟାପତିଙ୍କ ସହାୟତାରେ ନୀଳମାଧବ ମୂର୍ତ୍ତିର ସନ୍ଧାନ କରିବା କିମ୍ବଦନ୍ତୀଟି ଏହାର ଏକମାତ୍ର ବିଷୟବସ୍ତୁ । ଉତ୍ତର ବାଲେଶ୍ୱର ବ୍ୟତୀତ ଅନ୍ୟ କୌଣସି ଅଞ୍ଚଳରେ ଏହା ଅଭିନୀତ ହୋଇନଥାଏ । ଏଥିରେ ଓଡ଼ିଆ, ବଙ୍ଗାଳୀ ଓ ହିନ୍ଦୀ ଭାଷାର ସଂଳାପ ବ୍ୟବହୃତ ହୋଇଥାଏ । ଏହାର ସଂଳାପଗୁଡ଼ିକ ଅନେକାଂଶରେ କାବ୍ୟଧର୍ମୀ । ଏକ ସାର୍ବଜନୀନ ବିଷୟବସ୍ତୁକୁ ଭିତ୍ତିକରି ଗଢ଼ି ଉଠିଥିଲେ ମଧ୍ୟ ଉତ୍ତର ବାଲେଶ୍ୱର ଏକ ନିର୍ଦ୍ଦିଷ୍ଟ ଅଗଳରେ ଏହା କାହିଁକି ସୀମାବଦ୍ଧ ହୋଇ ରହିଯାଇଛି । ତାହା ଲଳିତାପାଲାର ପ୍ରସଙ୍ଗଭିତ୍ତିକ ଅନୁଶୀଳନରୁ ଜଣାପଡ଼ିଥାଏ ।

**ଝୁମର–**ଝୁମର ରାଧାକୃଷ୍ଣଙ୍କର ପ୍ରେମୋପାଖ୍ୟାନ ସମ୍ବଳିତ ଏକ ଧର୍ମାନୁଷ୍ଠାନଭିତ୍ତିକଲୋକନାଟକ । ଏହା ନୃତ୍ୟ ପ୍ରଧାନ । ମୟୂରଭଞ୍ଜ ଓ କେନ୍ଦୁଝର ଅଗଳର ଲୋକପ୍ରିୟ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ । ପୌରାଣିକ ବିଷୟବସ୍ତୁକୁ ଆଧାରକରି ରଚିତ ହୋଇଥିଲେ ମଧ୍ୟ ଏଥିରେ ସ୍ଥାନୀୟ ସମାଜ ସଂସ୍କୃତି, ଭାଷା ଓ ପ୍ରକୃତି ଆଦି ସ୍ଥାନ

ପାଇଥାଏ ।

**କଣ୍ଢେଇନାଚ-** କଣ୍ଢେଇ ନାଚ ଓଡ଼ିଶାର ସର୍ବତ୍ର ପରିଚିତ । ଏହା ଏକ ସ୍ୱତନ୍ତ୍ର ଧରଣର ଲୋକନାଟକ । ଏଥିରେ କୌଣସି ଜୀବନ୍ତ ଅଭିନେତା ଅଂଶଗ୍ରହଣ କରନ୍ତି ନାହିଁ । ଏହାର ପରିଚାଳକ କାଠ ବା ଚମଡ଼ାରେ ତିଆରି କଣ୍ଢେଇ ଗୁଡ଼ିକୁ ସୂତା ବା ଆଙ୍ଗୁଠି ସାହାଯ୍ୟରେ ନଚେଇଥାନ୍ତି । ଏହାକୁ ସୂତ୍ରଧର କୁହାଯାଏ ।

କାଠି କଣ୍ଢେଇର ପ୍ରଚଳନ ଉତ୍ତର ଓଡ଼ିଶା କଣ୍ଢେଇ ନାଚର ଶ୍ରେଷ୍ଠତ୍ୱ । ଏହାର ଏକମାତ୍ର ଦଳ କେନ୍ଦୁଝର ଗଡ଼ର ପୁରୁଣା ବଜାର ସ୍ଥିତ ଶ୍ରୀ ମାଗୁଣୀଚନ୍ଦ୍ର କୁଅଁରଙ୍କ ଦ୍ୱାରା ପରିଚାଳିତ କରିବା ସଙ୍ଗେ ସଙ୍ଗେ ସମଗ୍ର ବିଷୟବସ୍ତୁର ସଂଳାପଗୁଡ଼ିକୁ ସ୍ୱର ପରିବର୍ତ୍ତନ କରି ପରିବେଷଣ କରିଥାଆନ୍ତି । ଏ ଧରଣର କଣ୍ଢେଇନାଚ ଓଡ଼ିଶାର ଅନ୍ୟ କୌଣସି ଅଞ୍ଚଳରେ ଦେଖିବାକୁ ମିଳିନଥାଏ ।

**ରାମଲୀଳା-** ଲୀଳା ଓଡ଼ିଶାର ସର୍ବତ୍ର ପରିଚିତ । ଲୋକ ମନୋରଞ୍ଜନ ଓ ଧର୍ମଶିକ୍ଷା ପ୍ରଦାନ ଲୀଳାନାଟକର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ । ଏହାର ରଚୟିତା, ଅଭିନେତା ଓ ଦର୍ଶକ ସମସ୍ତେ ଗ୍ରାମାଞ୍ଚଳର ସାଧାରଣ ଜନତା । ଉତ୍ତର ଓଡ଼ିଶାର ଲୋକପ୍ରିୟ ଲୋକନାଟକ ଗୁଡ଼ିକ ମଧ୍ୟରୁ ରାମଲୀଳା ଅନ୍ୟତମ । ଅନ୍ୟାନ୍ୟ ଅଗଳର ଲୀଳାନାଟକ ପରି ଉତ୍ତର ଓଡ଼ିଶାର ରାମଲୀଳା ଆଧୁନିକ ରୁଚିସମ୍ପନ୍ନ କଳାକର୍ମରେ ପରିଣତ ହୋଇ ପାରିନି । ପାରମ୍ପରିକ ରୂପକୁ ଅପରିବର୍ତ୍ତିତ ରଖେ ଯଥାସାଧ୍ୟ ମୌଳିକତା ରକ୍ଷାକରି ରାମଲୀଳା ଉତ୍ତର ଓଡ଼ିଶାରେ ଅଦ୍ୟାବଧି ଲୋକସାଧାରଣଙ୍କର ମନୋରଞ୍ଜନ ଏକ ମାଧ୍ୟମ ଭାବରେ ପ୍ରତିଷ୍ଠିତ ହୋଇପାରିଛି ।

**ଭରତିଆପାଲା-** ଭରତିଆପାଲା ଉତ୍ତର ବାଲେଶ୍ୱର ଅଞ୍ଚଳରେ ପ୍ରଚଳିତ ମହାଭାରତର ବିଭିନ୍ନ ଉପାଖ୍ୟାନ ଏହାର ବିଷୟବସ୍ତୁ । ଏହା ଭରତଲୀଳା ବା ଦ୍ୱାରୀନାଟ ନୁହେଁ, କେବଳ ବିଷୟବସ୍ତୁକୁ ବାଦ୍ ଦେଲେ ଭରତଲୀଳା ସହିତ ଭରତିଆ ପାଲାର ଅନ୍ୟ କୌଣସି ସାମଞ୍ଜସ୍ୟ ନାହିଁ । ଓଡ଼ିଶାର ବାଦୀପାଲା ପରି ଏଥିରେ ଦୁଇଟି ଦଳ ଅଂଶଗ୍ରହଣ କରିଥାନ୍ତି । ପ୍ରତିଯୋଗିତା ଛଳରେ ଏହା ପରିବେଷିତ ହୋଇଥାଏ ।

**କୃଷ୍ଣଲୀଳା-** ଓଡ଼ିଶାର କୃଷ୍ଣ ଉପାସନାର ଏକ ସମୃଦ୍ଧ ପରମ୍ପରା ରହିଛି । କୃଷ୍ଣଲୀଳା କୃଷ୍ଣ ଉପାସନାର ଫଳଶୃତି । ଉତ୍ତର ଓଡ଼ିଶାର ଜନଜୀବନ ସହିତ କୃଷ୍ଣଲୀଳାର ସମ୍ପର୍କ ଘନିଷ୍ଠ । ଚଢ଼ିଆନାଟ, କାଠିନାଚ, ମୋଗଲ ତମସା, ଛଉ, ଝୁମର, କଣ୍ଢେଇନାଛ ଓ କୃଷ୍ଣଲୀଳା ଏହି ଅଗଳର ସାଂସ୍କୃତିକ, ସାମାଜିକ, ପ୍ରାକୃତିକ ଓ ପାରିପାର୍ଶ୍ୱିକ ସମାଜ ଜୀବନରୁ ଉପାଦାନ ସଂଗ୍ରହକରି ପ୍ରତିଷ୍ଠିତ ହୋଇପାରିଛି ।

**ମନସାମଙ୍ଗଳ-** "ମନସାମଙ୍ଗଳ ଉତ୍ତର ବାଲେଶ୍ୱର ଅଞ୍ଚଳରେ ପ୍ରଚଳିତ ଏକ ଧର୍ମାନୁଷ୍ଠାନ ଭିତ୍ତିକ ଲୋକନାଟକ । "ଚାନ୍ଦ ସୌଦାଗର" ନାମକ ଏକ କିମ୍ବଦନ୍ତୀମଳକ ବିଷୟବସ୍ତୁ ଏଥିରେ ଅଭିଜୀତ ହୋଇଥାଏ । ଏହା ଏକ ସଙ୍ଗୀତ ପ୍ରଧାନ ଲୋକନାଟକ । ଏହାର ସମାଜ ଘନିଷ୍ଠତା, ସାଂସ୍କୃତିକ ଅନୁଷ୍ଠାନ ସହିତ ଯୋଗଯୋଗ, ଆଞ୍ଚଳିକ ଭାଷା, ପ୍ରକୃତି ଓ ପାରିପାର୍ଶ୍ୱିକ ପରିବେଶ ଆଦିର ପ୍ରଭାବହିଁ ଅଦ୍ୟାବଧି ଏହାକୁ ପାରମ୍ପରିକ ରୀତିରେ ଗତିକରିବାର ସୁଯୋଗ ଦେଇଛି ।"(୮)

**ଦଧି-** ଦଧି ବାଲେଶ୍ୱର ଅଞ୍ଚଳରେ ପ୍ରଚଳିତ ଏକ ସାମାଜିକ ଅନୁଷ୍ଠାନଭିତ୍ତିକ ଲୋକନାଟକ । ମୃତଦାହ କର୍ମ ଉପଲକ୍ଷେ ଏହା ଅନୁଷ୍ଠିତ ହୋଇଥାଏ । ଦଶାହ କର୍ମର ଆନୁଷ୍ଠାନିକ କ୍ରିୟା ସହିତ ଏହା ସଂପୃକ୍ତ । କୃଷ୍ଣଲୀଳାର କିଛି ଅଂଶ ଏଥିରେ ଅଭିନୀତ

ହୋଇଥାଏ । ସାଧାରଣତଃ ନିମ୍ନବର୍ଣ୍ଣର ହିନ୍ଦୁ ସମ୍ପ୍ରଦାୟ ଏହି ଅନୁଷ୍ଠାନର ଆୟୋଜନ କରିଥାନ୍ତି । ରାଧାକୃଷ୍ଣଙ୍କର ପ୍ରେମୋପାଖ୍ୟାନ ଏହାର ବର୍ଣ୍ଣନୀୟ ବିଷୟ ।

ବର୍ଷର ବିଭିନ୍ନ ସମୟରେ ପର୍ବପର୍ବାଣି ଉପଲକ୍ଷେ ଏଇସବୁ ଲୋକନାଟକ ପରିବେଷିତ ହୋଇଥାଏ । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଲୋକନାଟକ ପରି ଆଲୋଚ୍ୟ ଲୋକନାଟକ ଗୁଡ଼ିକର ମଗି, ଅଭିନୟ, ସଙ୍ଗୀତ, ଆହାର୍ଯ୍ୟ, ବାଦ୍ୟଯନ୍ତ୍ର ବ୍ୟବହାର ଆଦି କ୍ଷେତ୍ରରେ ସରଳ ଗ୍ରାମ୍ୟ ଜୀବନର ପ୍ରବୃତ୍ତି ପ୍ରକାଶ ପାଇଥାଏ । ମନ୍ଦିର ପ୍ରାଙ୍ଗଣ କିମ୍ବା ଦେବାଦେବୀଙ୍କ ଆସ୍ଥାନ ଲୋକନାଟକ ଅଭିନୟର ପ୍ରକୃଷ୍ଟ କ୍ଷେତ୍ର ଭାବରେ ବିବେଚିତ ହେଉଥିଲେ ମଧ୍ୟ ଆଲୋଚ୍ୟ ନାଟକ ଗୁଡ଼ିକ ଗ୍ରାମ୍ୟ ଉପକଣ୍ଠରେ ଥିବା ଖୋଲାପଡ଼ିଆ, ପାହାଡ଼, ପାଦଦେଶ କିମ୍ବା ଶସ୍ୟକ୍ଷେତ୍ର ଚତୁଷ୍କୋଣ ବିଶିଷ୍ଟ ମୁକ୍ତମଞ୍ଚରେ ଅଭିନୀତ ହୋଇଥାଏ । ଏ ସବୁର ଅଭିନୟ ଓ ପରିବେଷଣ ପଦ୍ଧତି ମଧ୍ୟ ଖୁବ୍ ସରଳ ଓ ନିରାଡ଼ମ୍ବର ଦେହ ଓ ମୁହଁରେ ରଙ୍ଗ ମାଖି, ସାଧାରଣ ବେଶପୋଷାକ ପିନ୍ଧି ଏହାର ଅଭିନେତାମାନେ ଅଭିନୟରେ ଅଂଶଗ୍ରହଣ କରିଥାନ୍ତି । ଏଥିରେ ସମସ୍ତ ଉପକରଣ ସେହି ଅଞ୍ଚଳରୁ ସଂଗୃହୀତ ହୋଇଥାଏ ବା ସ୍ଥାନୀୟ ଉପାଦାନରୁ ପ୍ରସ୍ତୁତ ହୋଇଥାଏ ।

**ନିଷ୍କର୍ଷ :**

"ସାମ୍ପ୍ରଦାୟିକ ସହାବସ୍ଥାନ ଓ ସାଂସ୍କୃତିକ ସମନ୍ୱୟ ପ୍ରତିଷ୍ଠା କ୍ଷେତ୍ରରେ ଏହି ଅଗଳର ଲୋକନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ଲୋକନାଟକ ପରି ଓଡ଼ିଶାର ଲୋକନାଟକ ସଙ୍ଗୀତ ବହୁଳ । ସାଧାରଣତଃ ପାତ୍ରପାତ୍ରୀମାନେ ପ୍ରଥମେ ଗୀତ ଗାଇ ସାରିବା ପରେ ତାକୁ ଗଦ୍ୟରେ ପ୍ରକାଶ କରିଥାନ୍ତି । କେତେକ ଲୋକନାଟକ ବିଦଗ୍ଧସ୍ତରକୁ ଆସିଯାଇଥିବାର, ସେଗୁଡ଼ିକର ଆଧୁନିକ ନାଟକ ପରି ସଂଳାପ ସଂପୃକ୍ତ ହୋଇଥିବାର ଦେଖାଯାଏ । ନାଟ ଆରମ୍ଭରେ ଓ ଶେଷରେ ସୀମାନ୍ତ ଲୋକନାଟକର ଅନ୍ୟ ଏକ ବୈଶିଷ୍ଟ୍ୟ । ଲୋକନାଟକ ଗୁଡ଼ିକର ସୃଷ୍ଟି ଓ ସ୍ରଷ୍ଟା ନିରୂପଣ ଏକ ବିଗଦମାନ ବିଷୟ । କାରଣ ସମାନ ନାଟ୍ୟରୂପ ତଥା କଥାବସ୍ତୁ ଥିବା ବହୁ ରଚନାରେ ବିଭିନ୍ନ ଲୋକର ନାମ ଭଣତା ଥିବାରୁ ଏ ସମ୍ପର୍କର ସ୍ଥିରମତ ଦେବା କଷ୍ଟକର । "ଲଳିତା ପାଲା" ହେଉ କି "ବାଗାମ୍ବର ପାଲା" ହେଉ ସବୁଗୁଡ଼ିକର ଭାବ ସୀମାନ୍ତ ଅଗଳର ଲୋକଚେତନାରେ ଅର୍ବାଚୀନ କି ପ୍ରାଚୀନ ନୁହେଁ, ବରଂ ସନାତନ । ଲୋକ ସମାଜର ଧର୍ମଭାବନା ଓ ବିଶ୍ୱାସ ବୋଧ ଏହାର ଭାବଭୂମି ।"(୯)

**ଉପସଂହାର:**

"ଭାରତୀୟ ସଂସ୍କୃତି ବୈଦିକ ସଂସ୍କୃତି ଓ ଲୋକସଂସ୍କୃତିର ଏକ ସମ୍ମିଳତି ରୂପ । ବୈଦିକ ସଂସ୍କୃତି ଶିକ୍ଷିତ ସମାଜରେ ଆଦୃତ ଥିବା ବେଳେ ଲୋକସଂସ୍କୃତି ସାଧାରଣ ଲୋକ ସମାଜରେ ପ୍ରବାହିତ ଓ ମଙ୍ଗଳ ବିଧାନ ଲାଗି ଅଭିପ୍ରେରିତ । ଲୋକକଳା, ଲୋକସାହିତ୍ୟ, ଲୋକସଙ୍ଗୀତ, ଲୋକନାଟକ ପ୍ରଭୃତି ଜନତାର ସମଗ୍ର କୃତିତ୍ୱକୁ ଘେନି ଏହି ଲୋକ ସଂସ୍କୃତି ଗଠିତ ।"(୧୦) ଏବଂ ଏହା ନିତ୍ୟ ଜୀବନର ସଂସ୍କୃତି ଏହାହିଁ ସର୍ବଭାରତୀୟ ସଂସ୍କୃତି । ଏବଂ ଏହି ସର୍ବଭାରତୀୟ ସଂସ୍କୃତିର ଏକ ଅଂଶବିଶେଷ ରୂପେ ଓଡ଼ିଶାର ଲୋକସଂସ୍କୃତି ଯୁଗ ଯୁଗ ଧରି ତାର ସତ୍ତା ଅମଳିନ ରଖିପାରିଛି ।

ମୋଟ ଉପରେ ଲୋକନାଟକଗୁଡ଼ିକ ମଧ୍ୟ ଯୁଗର ସୃଷ୍ଟି ହୋଇ ପରମ୍ପରା ଓ ବିବର୍ତ୍ତନ ମଧ୍ୟ ଦେଇ ଗତିକରି ଆଧୁନିକ

କାଳପର୍ଯ୍ୟନ୍ତ ଓଡ଼ିଶାର ଅଗଣିତ ପଲ୍ଲୀବାସୀଙ୍କୁ ବିମଳ ଆନନ୍ଦ ଦେଇ ଆସିଛି । ତତ୍‌ସହିତ ଆଧ୍ୟାତ୍ମବାଦ, ନୈତିକତା, ଲୋକଶିକ୍ଷା ପ୍ରଦାନରେ ଲୋକନାଟକ ଗୁଡ଼ିକର ଅବଦାନ ସ୍ୱୀକାର୍ଯ୍ୟ । ଉତ୍କଳୀୟ ସାଂସ୍କୃତିକ ପରମ୍ପରାର ଜୟଗୀତ ଗାନ କରିବାରେ ଲୋକନାଟର ଅବଦାନ ଅବିସ୍ମରଣୀୟ ।

ମାତ୍ର ଆଧୁନିକତାର ସର୍ବଗ୍ରାସୀ ରଥଚକ ତଳେ ଲୋକନାଟକଗୁଡ଼ିକ ଅକାଳରେ ଝଡ଼ିପଡ଼ିବାର ଆଶଙ୍କାରେ ଆର୍ତ୍ତଚିତ୍କାର ମଧ୍ୟ କରୁଅଛି । ଯଦି ଯନ୍ତ୍ରଦାନବର କବଳରୁ ଏବେଠାରୁ ତାକୁ ରକ୍ଷାକରିବାର ପ୍ରତିଶୃତି ଦିଆନଯାଏ । ତେବେ ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ ଏହି ମହାନ ଅବୟବଗୁଡ଼ିକୁ ହରେଇବାର ଆମେ, ନୋହିଲେ ଆମର ଉତ୍ତର ପୁରୁଷ ଜର୍ଜରିତ ହେବାକୁ ପଡ଼ିବ ।

ତଥାପି ଏପରି ଆଶଙ୍କା ପୋଷଣ ନ କରିବାର ଅନେକ ଅବକାଶ ଏବେ ରହିଛି । କାରଣ ସାଂପ୍ରତିକ କାଳରେ ଲୋକସଂସ୍କୃତିର ସଂଗ୍ରହ, ସଂକ୍ଷକର୍ମ ଓ ଅଧ୍ୟୟନ ପ୍ରତି ଯଥେଷ୍ଟ ସଚେତନତା ପ୍ରକାଶ ପାଇଲାଣି । ନାନା ମହଲରୁ ଏପରି ଲୋକାନୁଷ୍ଠାନଗୁଡ଼ିକୁ ସବୁ ଦିଗରୁ ଉତ୍ସାହିତ କରାଯାଉଛି । ଏକ ବୈଜ୍ଞାନିକ ପଦ୍ଧତିରେ ଲୋକନାଟକ ଗୁଡ଼ିକୁ ସଂଗ୍ରାହାଦି କରାଯାଇ ପାରିଲେ, ତାହା ଆମ ସଂସ୍କୃତି ପ୍ରତି ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ ହେବ ।

**ସହାୟକ ଗ୍ରନ୍ଥସୂଚୀ:**

୧) ଦାଶ କୁଞ୍ଜବିହାରୀ, ଓଡ଼ିଆ ଲୋକଗୀତ ଓ କାହାଣୀ, ବିଶ୍ୱଭାରତୀ (୧୯୫୮)
୨) ମିଶ୍ର ମହେନ୍ଦ୍ର, କଳାହାଣ୍ଡିର ଲୋକସଂସ୍କୃତି, ସମ୍ବଲପୁର, (୧୯୯୬)
୩) ଦାଶ, ଶିବପ୍ରସାଦ, ସମ୍ବଲପୁର ଇତିହାସ (ସମ୍ବଲପୁର, ୧୯୬୯)
୪) ମହାପାତ୍ର ଶ୍ୟାମସୁନ୍ଦର, A study of Oriya Folk- Ballads (୧୯୮୮)
୫) ଦାସ, ହେମନ୍ତ କୁମାର, ଓଡ଼ିଶା ନାଟକର ବିକାଶଧାରା (କଟକ, ୧୯୮୦)
୬) ଦାଶ, ଗଗନେନ୍ଦ୍ର ନାଥ, ଜନଶ୍ରୁତି ଓ କାତ୍ୟାକାବେରୀ (ବ୍ରହ୍ମପୁର, ୧୯୭୯)
୭) ପୃଷ୍ଟି କୁଞ୍ଜବନ, ଉତ୍ତର ଓଡ଼ିଶାର ଲୋକନାଟକ, ବିଶ୍ୱଭାରତୀ, (୧୯୮୬)
୮) ସାହୁ କିଶୋର ଚନ୍ଦ୍ର, ଓଡ଼ିଆ ଲୋକନାଟ୍ୟ ପରମ୍ପରା, ଉତ୍କଳ ବିଶ୍ୱବିଦ୍ୟାଳୟ (୧୯୮୯)
୯) District statistical Hard-book, Kalahandi (୧୯୮୦)
୧୦) ମଲ୍ଲିକ, ଶ୍ରୀ ରାମଚନ୍ଦ୍ର, ପାଟଣା ରାଜ୍ୟର ଇତିହାସ, ୧ମ ଭାଗ ଓଡ଼ିଶା ରାଜ୍ୟ ଅଭିଲେଖାଗାର ।